# NATIONAL NEWS BULLETIN (ODIA)

## 19 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ମହିଳା ସଂରକ୍ଷଣକୁ ବିରୋଧ କରୁଥିବା ଦଳଗୁଡ଼ିକ ସଂସଦ ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣକୁ ରୋକିପାରିବେ ନାହିଁ - କହିଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମ ଏସିଆ ପରିସ୍ଥିତି ନେଇ ଦେଶର ପ୍ରସ୍ତୁତି ସମୀକ୍ଷା କଲେ ମନ୍ତ୍ରିସ୍ତରୀୟ ଗୋଷ୍ଠୀ ।
- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଆଜି ସକାଳେ ଦୁଇଦିନିଆ ଗସ୍ତରେ ଯାଇ ଶ୍ରୀଲଙ୍କାରେ ପହଞ୍ଚିବେ ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ ।
- ଭୁବନେଶ୍ୱର ଇନ୍‌ଫୋଭ୍ୟାଲି-୨ରେ ଅତ୍ୟାଧୁନିକ ଗ୍ଲାସ ସେମି କଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଆଜି ହେବ ଶିଳାନ୍ୟାସ ।

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ।

- ଡର୍ବାନ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ମଧ୍ୟରେ ମ୍ୟାଚ୍ ।

# ପିଏମ୍ ଆଡ୍ରେସ୍

ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳା ସଂରକ୍ଷଣ ପାଇଁ ପ୍ରସ୍ତାବିତ ବିଧେୟକ ଆବଶ୍ୟକ ସମର୍ଥନ ହାସଲ କରି ପାରିନଥିବାରୁ ଦେଶର ମହିଳାମାନେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକୁ କଠୋର ଦଣ୍ଡ ଦେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ରାତିରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ହୁଏତ ଭୋଟ୍‌ରେ ହାରି ଯାଇଛନ୍ତି; କିନ୍ତୁ ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକରେ କେବେ ହାର୍ ମାନିବେ ନାହିଁ । ଶ୍ରୀ ମୋଦୀ କହିଛନ୍ତି ମହିଳାମାନଙ୍କ ସଂରକ୍ଷଣକୁ ବିରୋଧ କରୁଥିବା ଦଳଗୁଡ଼ିକ ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ରୋକିପାରିବେ ନାହିଁ । ମହିଳାଙ୍କ ସଶକ୍ତିକରଣ ପାଇଁ ବିଜେପି ଏବଂ ଏନ୍‌ଡିଏ ଦୃଢ଼ ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ନାରୀଶକ୍ତି ବନ୍ଦନ ଅଧିନିୟମର ସଂଶୋଧନ ସମ୍ବନ୍ଧିତ ବିଧେୟକ ମଞ୍ଜୁରୀ ପାଇବା କ୍ଷେତ୍ରରେ ୬୬ ପ୍ରତିଶତ ଭୋଟ୍ ପାଇବାରେ ବିଫଳ ହୋଇଛି;

କିନ୍ତୁ ଦେଶର ଶତପ୍ରତିଶତ ମହିଳାଙ୍କ ଆଶୀର୍ବାଦ ତାଙ୍କ ସରକାର ପ୍ରତି ରହିଛି ।

## V/O (PM Modi on Opposition)

ପ୍ରଧାନମନ୍ତ୍ରୀ କହିଛନ୍ତି ତାଙ୍କ ପାଇଁ ଦେଶର ସ୍ୱାର୍ଥ ସର୍ବପ୍ରଥମେ ଗୁରୁତ୍ୱପୂର୍ଣ୍ଣ । କେତେକ ରାଜନୈତିକ ଦଳ ମହିଳା ସଶକ୍ତିକରଣ ଏବଂ ଦେଶର ସ୍ୱାର୍ଥକୁ ଅଣଦେଖା କରୁଥିବାରୁ ସେହି ଦଳଗୁଡ଼ିକ ଫଳାଫଳ ଭୋଗ କରିବାକୁ ବାଧ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ସଂଶୋଧନ ବିଧେୟକ ଆବଶ୍ୟକ ସମର୍ଥନ ନ ପାଇବା ପରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ଭଳି ରାଜନୈତିକ ଦଳଗୁଡ଼ିକର ସଦସ୍ୟ ଖୁସିରେ ତାଳି ମାରୁଥିଲେ । ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟକୁ ଦେଶର ମହିଳାଙ୍କ ସ୍ୱାଭିମାନ ଓ ଆତ୍ମସମ୍ମାନ ପ୍ରତି ଆଘାତ ବୋଲି କହିଛନ୍ତି ।

## V/O (PM Modi on Apaman)

ସଂସଦରେ ପ୍ରତ୍ୟେକ ରାଜ୍ୟର ସ୍ୱରକୁ ଦୃଢ଼ କରିବା ପାଇଁ ସଂଶୋଧନ ବିଧେୟକର ଲକ୍ଷ୍ୟ ଥିଲା; କିନ୍ତୁ କଂଗ୍ରେସ ଓ ଏହାର ସହଯୋଗୀ ଦଳ ଏଥିପ୍ରତି ଆଦୌ ଧ୍ୟାନ ଦେଇନଥିଲେ । ଅନ୍ୟପକ୍ଷରେ ସୀମା ନିର୍ଦ୍ଧାରଣ ପ୍ରସ୍ତାବ କେତେକ ରାଜ୍ୟକୁ ସଂସଦ ଓ ବିଧାନସଭାରେ ସଠିକ୍ ଭାବେ ପ୍ରତିନିଧିତ୍ୱ ସୁଯୋଗ ଦେବନାହିଁ ବୋଲି ପ୍ରଚାର କରିଥିଲେ । ତେବେ ଏନ୍‌ଡିଏ ସରକାର ପ୍ରଥମରୁ ହିଁ ସ୍ପଷ୍ଟ କରିଥିଲେ

ଯେ କୌଣସି ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ କରାଯିବ ନାହିଁ ବରଂ ରାଜ୍ୟ ଗୁଡ଼ିକର ଆସନ ସଂଖ୍ୟା ଓ ପ୍ରତିନିଧିତ୍ୱ ବୃଦ୍ଧି ପାଇବ ।

**V/O (PM Modi on D-Limitation)**

ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଆଇନ୍ ପ୍ରଣୟନକୁ ବିରୋଧ କରି କଂଗ୍ରେସ ନିଜକୁ ଏକ ସଂସ୍କାର ବିରୋଧୀ ଦଳ ବୋଲି ପ୍ରମାଣିତ କରିଛି । କଂଗ୍ରେସ ପ୍ରତ୍ୟେକଟି ସଂସ୍କାରମୂଳକ କାର୍ଯ୍ୟକୁ ବିରୋଧ କରି ଦେଶକୁ ବିପଥଗାମୀ କରୁଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ।

# ଆଇଗମ୍-ଓ୍ୱେଷ୍ଟ ଏସିଆ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପଶ୍ଚିମ ଏସିଆ ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ମନ୍ତ୍ରିସ୍ତରୀୟ ଗୋଷ୍ଠୀର ଅନୌପଚାରିକ ବୈଠକରେ ପଶ୍ଚିମ ଏସିଆ ପରିସ୍ଥିତି ମଧ୍ୟରେ ଭାରତର ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ରସାୟନ ଓ ସାର ମନ୍ତ୍ରୀ ଜେ.ପି.ନଡ୍ଡା, ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ, ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଏବଂ ଅନ୍ୟମନ୍ତ୍ରୀମାନେ ବୈଠକରେ ଉପସ୍ଥିତ ଥିଲେ ।

ପଶ୍ଚିମ ଏସିଆ ପରିସ୍ଥିତିକୁ ଅନିଶ୍ଚିତ ବୋଲି ବର୍ଣ୍ଣନାକରି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଭାରତ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରହିବା ଆବଶ୍ୟକ । ସେଠାକାର ପରିସ୍ଥିତି ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି । ବୈଠକରେ ଭାରତ ସାମରିକ ବୀମା ପୁଲ୍ ସମ୍ପର୍କରେ ଆଲୋଚନା ହୋଇଛି । ଏହାଦ୍ୱାରା ସାମୁଦ୍ରିକ ପଥ ଦେଇ ଯାତାୟତ କରୁଥିବା ଭାରତୀୟ ଜାହାଜ ଏବଂ ପରିବହନ କାର୍ଗୋଗୁଡ଼ିକ ଯଥେଷ୍ଟ ବୀମା ସୁବିଧା ପାଇପାରିବେ ।

ଅନ୍ୟପକ୍ଷରେ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତରେ ଯଥେଷ୍ଟ ପରିମାଣର ତୈଳ ଗଚ୍ଛିତ ଥିବା କୁହାଯାଇଛି । ଆଗାମୀ ୬୦ଦିନ ପର୍ଯ୍ୟନ୍ତ ଇନ୍ଧନ ଆବଶ୍ୟକତା ପୂରଣ କରିବା ଲାଗି ତୈଳ ମହଜୁଦ ଥିବା ସୂଚନା ମିଳିଛି । ହର୍‌ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା ହାସଲ କରି ଅନ୍ୟାନ୍ୟ ଉତ୍ସରୁ ତୈଳ ଓ ଗ୍ୟାସ୍ ଆମଦାନୀ ଲାଗି ଭାରତ ପ୍ରଚେଷ୍ଟା ଜାରି ରଖିଥିବା ବୈଠକରୁ ଜଣାପଡିଛି ।

# ଭି.ପି.-ଶ୍ରୀଲଙ୍କା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ସକାଳେ ଦୁଇଦିନିଆ ଗସ୍ତରେ ଯାଇ ଶ୍ରୀଲଙ୍କାରେ ପହଞ୍ଚିବେ । ଗସ୍ତକାଳରେ ଶ୍ରୀ ରାଧାକୃଷ୍ଣନ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଏବଂ ପ୍ରଧାନମନ୍ତ୍ରୀ ହରିଣି ଅମର ସୁରିଆଙ୍କ ସହ ଆଲୋଚନା କରିବେ । ଉପରାଷ୍ଟ୍ରପତି ଶ୍ରୀଲଙ୍କାରେ ସେଠାକାର ବରିଷ୍ଠ ନେତୃବୃନ୍ଦ ଓ ଭାରତୀୟ ସମ୍ପ୍ରଦାୟଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ଦେଶ ମଧ୍ୟରେ ନିରନ୍ତର ଉଚ୍ଚସ୍ତରୀୟ ଆଲୋଚନା ମଧ୍ୟରେ ଉପରାଷ୍ଟ୍ରପତିଙ୍କ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି । ଶ୍ରୀଲଙ୍କା ଭିଜନ ମହାସାଗର ଏବଂ ପଡୋଶୀ ପ୍ରଥମ ନୀତିରେ ଆଗରେ ରହିଛି । ଉଭୟ ଦେଶର ସଂସ୍କୃତି ଏବଂ ଲୋକସମ୍ପର୍କ ବହୁ ପୁରୁଣା ଏବଂ ଏହା ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଗତି ପ୍ରଦାନ କରିବ ବୋଲି ବିବେଚନା କରାଯାଉଛି ।

## ସେମିକଣ୍ଡକ୍ଟର-ବୈଷ୍ଣବ

ଅତ୍ୟାଧୁନିକ ସେମି କଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଦେଶକୁ ବିଶ୍ୱର କେନ୍ଦ୍ରସ୍ଥଳ ଭାବେ ପ୍ରତିଷ୍ଠିତ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲି-୨୦ାରେ ଏକ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କାର୍ଯ୍ୟକ୍ରମରେ ଯୋଗଦେବେ । ୧ହଜାର ୯୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨ହଜାର ୫୦୦ଜଣ ନିଯୁକ୍ତି ପାଇବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଡବ୍ଲ୍ୟୁବି-ଟିଏନ୍ କ୍ୟାମ୍ପେନ

ପଶ୍ଚିମବଙ୍ଗରେ ଆଜି ବିଧାନସଭା ନିର୍ବାଚନ ଲାଗି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଶ୍ରୀ ମୋଦୀ ବାଙ୍କୁଡା, ପୁରୁଲିଆ ଏବଂ ଝାଡ଼ଗ୍ରାମ ସମେତ ଅନ୍ୟକେତେକ ଜିଲ୍ଲାରେ ନିର୍ବାଚନୀ ସଭା ଓ ର୍‌ୟାଲିରେ

ଉଦ୍‌ବୋଧନ ଦେବେ । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା କୁଚବିହାର ଏବଂ ଜଲପାଇଗୁଡ଼ି ଜିଲ୍ଲାରେ ପ୍ରଚାର କରିବେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ବାଲୁରଘାଟ ଏବଂ ମାଲ୍‌ଦାରେ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି ।

ତାମିଲନାଡୁରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଆସନ୍ତା ୨୧ରେ ଶେଷ ହେବାକୁ ଯାଉଥିବାବେଳେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ବରିଷ୍ଠ ନେତାମାନେ ପ୍ରଚାରକାର୍ଯ୍ୟରେ ସାମିଲ ହୋଇଛନ୍ତି । ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଶିବଗିରି, ଏରୋଡଠାରେ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ପ୍ରମୁଖ ନିର୍ବାଚନୀ ସଭାସମିତିରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଇରାନ୍ ଡିସ୍‌କ୍ଲୋଜ ଟକ୍‌ସ

ଇରାନ୍ ସଂସଦର ବାଚସ୍ପତି ମହମ୍ମଦ ବାଘେର୍ ଗାଲିବାଫ ଆମେରିକା ସହିତ ହୋଇଥିବା ପରଦା ପଛର ଆଲୋଚନା ସମ୍ପର୍କରେ ସୂଚନା ଦେଇଛନ୍ତି । ଏକ ଟେଲିଭିଜନ ସାକ୍ଷାତ୍‌କାରରେ ସେ କହିଛନ୍ତି ଇରାନ୍‌ର ଅଧିକାରୀମାନେ ହର୍‌ମୁଜ ପ୍ରଣାଳୀରେ ନୌସେନା

କାର୍ଯ୍ୟକଳାପକୁ ନେଇ ଆମେରିକା ପ୍ରତିନିଧି ମଣ୍ଡଳୀର ସାମ୍ନା କରିଛନ୍ତି ଏବଂ ହର୍ମୁଜ ପ୍ରଣାଳୀ ଇସ୍‌ଲାମ ଗଣରାଜ୍ୟର ନିୟନ୍ତ୍ରଣରେ ରହିଛି । ସେ କହିଛନ୍ତି ତେହରାନ ଜଳପଥରେ ମାଇନ୍ସ ହଟାଇବା ପାଇଁ ଆମେରିକୀୟ ପ୍ରସ୍ତାବକୁ ଇରାନ୍ ଅସ୍ତ୍ରବିରତି ଉଲ୍ଲଙ୍ଘନ ଭାବେ ବିଚାର କରୁଛି ଏବଂ ଏହା ହେଲେ ଉତ୍ତେଜନା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

ଇସଲାମାବାଦରେ ଅନୁଷ୍ଠିତ ଆଲୋଚନାରେ ଶ୍ରୀ ଗାଲିବାଫ ଆମେରିକୀୟ ପ୍ରତିନିଧିମଣ୍ଡଳୀକୁ କହିଥିଲେ ଯେ ଯଦି ଆମେରିକୀୟ ନୌସେନା ପକ୍ଷରୁ ତେହେରାନ ଜଳପଥରୁ ମାଇନ୍ସ ହଟାଇବା ପାଇଁ ଉଦ୍ୟମ କରାଯାଏ ତେବେ ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରାଯିବ ।

ଅନ୍ୟପକ୍ଷରେ ଇରାନ୍‌ର ଉପବୈଦେଶିକ ମନ୍ତ୍ରୀ କହିଛନ୍ତି ତେହରାନ ଆମେରିକୀୟ ଅଧିକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ପାଇଁ ଚାହୁଁନାହିଁ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୦ରନ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ପରାସ୍ତ

କରିଛି । ହାଇଦ୍ରାବାଦର ରାଜୀବଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମର ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୪ ରନ୍ ସ୍କୋର କରିଥିଲା । ଜବାବରେ ଚେନ୍ନାଇ ସୁପର କିଙ୍ଗ୍‌ସ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା । ୧୭୬ରନ୍‌ର ପିଛାକରି ଦିଲ୍ଲୀ କ୍ୟାପିଟାଲ୍ସ ଗୋଟିଏ ବଲ୍ ବାକିଥାଏ ୬ ୱିକେଟ୍ ବିନିମୟରେ ଶହେ ଅଣାଅଶୀ ରନ୍ କରିଥିଲା ।

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ରେ କୋଲକାତାର ଇଡେନ ଗାର୍ଡେନ୍ସର ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଏବଂ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ନିଉ ଚଣ୍ଡିଗଡରେ ପଞ୍ଜାବି କିଙ୍ଗ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଓ୍ୱେମେନ-ଟି୨୦

ଡର୍ବାନ୍‌ର କିଙ୍ଗ୍‌ସମିଡ୍ ଷ୍ଟାଡିୟମରେ ଆଜି ଆନ୍ତର୍ଜାତିକ ଟି-୨୦ ମହିଳା ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ସଂଧ୍ୟା ୫ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୬ ଓ୍ୱିକେଟ୍‌ରେ ପରାସ୍ତ ହୋଇଥିଲା ।